Khabara, Bhubaneshwar, August 26, 2010

# ଭୁବନେଶ୍ୱରରେ ଟିସିଏସ୍‌ର 'ଆଇଟି କ୍ୱିଜ୍' ସେପ୍ଟେମ୍ବର ୬ରୁ

ଭୁବନେଶ୍ୱର, (ନି.ପ୍ର): ଟାଟା କନ୍‌ସଲ୍‌ଟାନ୍ସି ସର୍ଭିସେସ୍ (ଟିସିଏସ୍) ପକ୍ଷରୁ ସେପ୍ଟେମ୍ବର ୬ରେ ଭୁବନେଶ୍ୱରର ପାଲ୍ ହାଇଟ୍‌ସରେ ସ୍କୁଲ ପିଲାଙ୍କ ପାଇଁ ପ୍ରଶ୍ନୋତ୍ତର ଭିତ୍ତିକ ପ୍ରତିଯୋଗିତା 'ଆଇଟି କ୍ୱିଜ୍' ଅନୁଷ୍ଠିତ ହେବ ବୋଲି ଟିସିଏସ୍‌ର ଭୁବନେଶ୍ୱର ପରିଚାଳନା ମୁଖ୍ୟ ମନୋଜ ପଣ୍ଡା କହିଛନ୍ତି। ଏହି ପ୍ରତିଯୋଗିତାରେ ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାର୍ଥୀ ଅଂଶଗ୍ରହଣ କରିପାରିବେ। ଚଳିତ ବର୍ଷ ଏହି ପ୍ରତିଯୋଗିତା ଦେଶର ୧୨ଟି ପ୍ରମୁଖ ସହରରେ ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ପ୍ରତିଯୋଗୀ ସେପ୍ଟେମ୍ବର ୨ ତାରିଖ ସୁଦ୍ଧା ସଂଯୋଜକ ଅମ୍ରିତ ପାଲ୍ ସିଂଙ୍କୁ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।